# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମୟୂରଭଞ୍ଜ, ବାରିପଦା

## :: ଅଧିସୂଚନା ::

ସଂଖ୍ୟା ୬୬ /ଭୂ-ଅର୍ଜନ/ତାରିଖ ୦୪/୦୩/୨୪//

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ମୟୂରଭଞ୍ଜ ଜିଲ୍ଲାର "ପଶୁଦା କୁଆମରା ରାସ୍ତାର ୩.୦୦ କିମି ଦୂରତା ଠାରେ ନାଲୁଆ ନାଳ ଉପରେ ୨୦୨୧-୨୦୨୨ ମସିହା ବିଜୁ ସେତୁ ଯୋଜନାରେ ସେତୁ ନିର୍ମାଣ" ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା-ପଶୁଦା , ଥାନା- ଖୁଣ୍ଟା , ଥାନା ନଂ ୧୮୧, ତହସିଲ- ଗୋପବନ୍ଧୁନଗର, ଜିଲ୍ଲା- ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ ଏ ୧.୨୦ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦(ଷାଠିଏ) ଦିନ ମଧ୍ୟରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013) ର ଧାରା ୧୫ର ବ୍ୟବସ୍ଥା ଅନୁଯାୟୀ ଜିଲ୍ଲାପାଳ ମୟୂରଭଞ୍ଜଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

## ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ - ପଶୁଦା କୁଆମରା ରାସ୍ତାର ୩.୦୦ କିମି ଦୂରତା ଠାରେ ନାଲୁଆ ନାଳ ଉପରେ ୨୦୨୧-୨୦୨୨ ମସିହା ବିଜୁ ସେତୁ ଯୋଜନାରେ ସେତୁ ନିର୍ମାଣ ନିମନ୍ତେ ।

୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ –ଅଧିକ୍ଷଣ ଯନ୍ତ୍ରୀ, ଗ୍ରାମ୍ୟ ନିର୍ମାଣ ଡିଭିଜନ, ବାରିପଦା।

୩ –କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ବିସ୍ଥାପନର ଆବଶ୍ୟକତା ନାହିଁ ।

୪ – ସାମାଜିକ ପ୍ରଭାବ ମୂଲ୍ୟାୟନ ସାରାଂଶ – ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ଚିଠି ସଂଖ୍ୟା-୩୩୮୩୪ ତା ୦୧.୧୦.୨୦୨୪ ରିଖ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି।

୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।

୬- ଜମିର ବିବରଣୀ :-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| ମୟୂରଭଞ୍ଜ | ଗୋପବନ୍ଧୁନଗର | ପଶୁଦା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ ୨.୫୯ | ଏ ୧.୨୦ | ଏଥି ସହିତ ସଂଲଗ୍ନ |

ଉକ୍ତ ଜମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ଭୂ-ଅର୍ଜନ ଅଧିକାରୀ, ମୟୂରଭଞ୍ଜ, ବାରିପଦାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ

(ହେମକାନ୍ତ ସୟ,ଜିଲ୍ଲାପାଳ ମୟୂରଭଞ୍ଜ)

# ଭୂମି ଅନୁସୂଚୀ

ପ୍ରକଳ୍ପର ନାମ – "ପଶୁଦା କୁଆମରା ରାସ୍ତାର ୩.୦୦ କିମି ଦୂରତା ଠାରେ ନାଲୁଆ ନାଳ ଉପରେ ୨୦୨୧-୨୦୨୨ ମସିହା ବିଜୁ ସେତୁ ଯୋଜନାରେ ସେତୁ ନିର୍ମାଣ।"

ଗ୍ରାମ- ପଶୁଦା

ଥାନା-ଖୁଣ୍ଟା(୧୮୧)

ତହସିଲ – ଗୋପବନ୍ଧୁନଗର

ଜିଲ୍ଲା- ମୟୂରଭଞ୍ଜ

| କ୍ରମିକ ନଂ | ଖତିଆନ କ୍ରମିକ ନଂ | ଚକ ନଂ | ଭୂଖଣ୍ଡ ନଂ | ସମୁଦାୟ କ୍ଷେତ୍ର | ଅଧିଗ୍ରହଣ ହେବାକୁ ଥିବା ପ୍ରସ୍ତାବିତ କ୍ଷେତ୍ର | କିସମ | ପ୍ରଜାର ନାମ , ପିତାର ନାମ |
|---|---|---|---|---|---|---|---|
| ୧ | ୨୬୯ | | ୭୫୨ | ୦.୩୧ | ୦.୦୬ | ଘରବାରି | ସୀତା ମାଝୀ ପି- ସାକିଲା ମାଝି ଜା: ସାନ୍ତାଳ ବା: ନିଜଗାଁ |
| ୨ | | | ୭୫୩ | ୦.୧୫ | ୦.୦୪ | ଘରବାରି | |
| ୩ | ୧୨୩ | | ୭୪୭ | ୦.୩୮ | ୦.୧୯ | ଶାରଦ ତିନି | ରବିନ୍ଦ୍ର ଦାସ ପି-ପାଣ୍ଡବ ଚରଣ ଦାସ ଜା: ଖଣ୍ଡାୟତ ବା: ପଶୁଦା |
| ୪ | | | ୭୫୬ | ୦.୦୨ | ୦.୦୨ | ଡାହି ଏକ | |
| ୫ | ୩୧୧/୩୧ | | ୭୫୭ | ୦.୧୭ | ୦.୧୭ | ଶାରଦ ତିନି | ଲଫ୍ର ମାର୍ଣ୍ଡି ପି-ମହନା ମାର୍ଣ୍ଡି ଜା: ସାନ୍ତାଳ ବା: ନିଜଗାଁ |
| ୬ | ୧୬୬ | | ୭୫୮ | ୦.୦୫ | ୦.୦୫ | ପାଳ ଏକ | ଭଗବାନ ମାହାନ୍ତି ପି-ପ୍ରସାଦ ମାହାନ୍ତି ଜା: ଖଣ୍ଡାୟତ ବା: ନିଜଗାଁ |
| ୭ | ୩୧୧/୩୫ | | ୭୫୯/୧୫୨୫ | ୦.୫୦ | ୦.୦୬ | ପାଳ ଏକ | ସୁନାରାମ ମାର୍ଣ୍ଡି ପି- ବୃନ୍ଦାବନ ମାର୍ଣ୍ଡି ଜା: ସାନ୍ତାଳ ବା: ପଶୁଦା |
| ୮ | ୧୨୬ | | ୭୪୦ | ୦.୩୧ | ୦.୩୧ | ପାଳ ଏକ | ପୂର୍ଣ୍ଣଚନ୍ଦ୍ର ମାଝୀ,ଜଗ ମାଝୀ, ଘନ ମାଝୀ ପି-କନ୍ଧା ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| ୯ | | | ୭୩୯ | ୦.୭୦ | ୦.୩୦ | ପାଳ ଏକ | |
| | | | ମୋଟ | ୨.୫୯ | ୧.୨୦ | | |

25-02-2025

**Amin**
**Land Acquisition Section**
**Collectorate,Mayurbhanj**

25-02-2025

**Revenue Inspector**
**Land Acquisition Section**
**Collectorate,Mayurbhanj**

**Land Acquisition officer**
**Mayurbhanj**